# NATIONAL NEWS BULLETIN (ODIA)

**28 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପୋଲିସ ବାହିନୀକୁ ଅଧିକ ନାଗରିକ କୈନ୍ଦ୍ରିକ ହେବାଲାଗି ଆହ୍ୱାନ ଦେଲେ ରାଷ୍ଟ୍ରପତି ।

- ସିକ୍କିମ ପୋଲିସକୁ ସମ୍ମାନଜନକ ରାଷ୍ଟ୍ରପତି ପୋଲିସ ଧ୍ୱଜା ପ୍ରଦାନ ।

- ସିବିଏସ୍‌ଇ ପରୀକ୍ଷାରେ ଅନ୍ ସ୍କ୍ରିନ୍ ମୂଲ୍ୟାଙ୍କନ ବ୍ୟବସ୍ଥା ସ୍ୱଚ୍ଛତା ପ୍ରଦାନ କରିବ ବୋଲି କହିଲେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

- ଦେଶରେ ଚଳିତବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ୩୭୬ ନିୟୁତ ଟନ୍‌ରୁ ଅଧିକ ହେବ ବୋଲି ଆକଳନ ।

ଏବଂ

- ଇଦ୍-ଉଲ୍-ଆଝା ଅବସରରେ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନଙ୍କୁ ରାଷ୍ଟ୍ରପତି, ଉପରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ।

---

## ପ୍ରେଜ୍-ସିକ୍କିମ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗ୍ୟାଙ୍ଗଟକ୍‌ର ପାଲଜୋର ଷ୍ଟାଡିୟମରେ ସିକ୍କିମ ପୋଲିସକୁ ସମ୍ମାନଜନକ ରାଷ୍ଟ୍ରପତି ପୋଲିସ ଧ୍ୱଜା ପ୍ରଦାନ କରିଛନ୍ତି । ଏହି ଅବସରରେ ରାଷ୍ଟ୍ରପତି ଅଳଙ୍କରଣ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ଏହି ପୁରସ୍କାର ପାଇବା କ୍ଷେତ୍ରରେ ସିକ୍କିମ

ହେଉଛି ୧୫ତମ ରାଜ୍ୟ ଏବଂ ଉତ୍ତରପୂର୍ବାଞ୍ଚଳର ତୃତୀୟ ରାଜ୍ୟ । ଆୟୋଜିତ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି' ପୋଲିସ ବାହିନୀକୁ ଅଧିକ ନାଗରିକ କୈନ୍ଦ୍ରିକ ହେବାଲାଗି ଆହ୍ୱାନ ଦେଇଛନ୍ତି ।

**V/O**

ପୋଲିସ କର୍ମଚାରୀମାନେ ମହିଳା, ଗରିବ ଏବଂ ଶିଶୁମାନଙ୍କ କ୍ଷେତ୍ରରେ ଅଧିକ ସମ୍ବେଦନଶୀଳ ହେବାଲାଗି ରାଷ୍ଟ୍ରପତି କହିଛନ୍ତି । ସେହିପରି ସାଇବର କ୍ରାଇମ୍, ଅନ୍‌ଲାଇନରେ ଠକାମି, ବିଭ୍ରାନ୍ତକାରୀ ତଥ୍ୟ ଯାଞ୍ଚ ଦିଗରେ ଅତ୍ୟାଧୁନିକ କୌଶଳ ଅବଲମ୍ବନ କରି ପୋଲିସ' ସର୍ବଦା ଦୃଢ଼ ପଦକ୍ଷେପ ନେବା ଉଚିତ୍ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ସିକ୍କିମରେ ଆଇନ୍‌ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଲାଗି ସିକ୍କିମ ପୋଲିସର ଭୂମିକାକୁ ରାଷ୍ଟ୍ରପତି ପ୍ରଶଂସା କରିଛନ୍ତି । ରାଷ୍ଟ୍ରପତିଙ୍କ ପୋଲିସ ଧ୍ୱଜା ଅସାଧାରଣ ସେବା, ଅନୁଶାସନ ଓ ଦେଶପ୍ରତି ସମର୍ପଣ ଲାଗି ସର୍ବୋଚ୍ଚ ସମ୍ମାନ ଭାବେ ବିବେଚନା କରାଯାଏ ।

---

# ବିଜେପି ଆପଏଣ୍ଟମେଣ୍ଟ

ଭାରତୀୟ ଜନତା ପାର୍ଟି ପକ୍ଷରୁ ଆଜି ୩ଟି ରାଜ୍ୟ ଏବଂ ରାଜଧାନୀ ଦିଲ୍ଲୀ ନିମନ୍ତେ ନୂତନ ରାଜ୍ୟ ଶାଖା ସଭାପତିଙ୍କ ନିଯୁକ୍ତି ଘୋଷଣା କରାଯାଇଛି । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନ ଦିଲ୍ଲୀ ଶାଖା ସଭାପତି ନିମନ୍ତେ ପୂର୍ବ ଦିଲ୍ଲୀ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ହର୍ଷ ମାଲହୋତ୍ରାଙ୍କୁ ନିଯୁକ୍ତି ପ୍ରଦାନ କରିଛନ୍ତି । ସେହିପରି ହରିଆଣା ବିଜେପି ସଭାପତି ରୂପେ ଡକ୍ଟର ଅର୍ଚ୍ଚନା ଗୁପ୍ତା, ପଞ୍ଜାବ ବିଜେପି ସଭାପତି ରୂପେ କେୱାଲ ସିଂହ ଧୀଲନ, ତ୍ରିପୁରା ବିଜେପି ସଭାପତି ରୂପେ ଅଭିଷେକ ଦେବରାୟଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି ।

---

## ପ୍ରଧାନ-ସିବିଏସ୍‌ଇ

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ପରୀକ୍ଷା ବ୍ୟବସ୍ଥାରେ ନୂତନ ଭାବେ ଆରମ୍ଭ କରାଯାଇଥିବା ଅନ୍-ସ୍କ୍ରିନ୍ ମାର୍କିଙ୍ଗ ବ୍ୟବସ୍ଥା ମୂଲ୍ୟାଙ୍କନରେ ସ୍ୱଚ୍ଛତା ପ୍ରଦାନ କରିବ ବୋଲି କହିଛନ୍ତି ।

ସି.ବି.ଏସ୍.ଇ. ଅଧିକାରୀଙ୍କ ସହ ବୈଠକ ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଏହି ଅନ୍ ସ୍କ୍ରିନ୍ ମାର୍କିଂ ଡିଜିଟାଲ ବ୍ୟବସ୍ଥା ଏକ ପ୍ରଗତିଶୀଳ ମାଧ୍ୟମ ପାଲଟିଛି। ଦେଶ ଏବଂ ବିଦେଶର ବହୁ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠାନ ଏହି ଅନ୍ ସ୍କ୍ରିନ୍ ମାର୍କିଂ ବ୍ୟବସ୍ଥା ଆପଣେଇବାକୁ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ବର୍ତ୍ତମାନ ସମୟରେ ସି.ବି.ଏସ୍.ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ପାଇଁ ପୁନଃ ମୂଲ୍ୟାୟନ ପ୍ରକ୍ରିୟା ଜାରି ରହିଛି। ପ୍ରାୟ ୧୭ ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏବେ ସୁଦ୍ଧା ୪ ଲକ୍ଷ ଛାତ୍ରଛାତ୍ରୀ ଉତ୍ତର ଖାତା ପାଇପାରିଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି, ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରଥମଥର ଲାଗି ପ୍ରାୟ ୪୦ କୋଟି ପରୀକ୍ଷାଖାତା ଫଟୋକପିର ମୂଲ୍ୟାଙ୍କନ କରାଯାଇଛି।

**V/O**

## ଏନ୍‌ଟିଏ-ରିସିଡ୍ୟୁଲ

ଜାତୀୟ ପରୀକ୍ଷା ଏଜେନ୍ସୀ ଏନ୍‌ଟିଏ ପକ୍ଷରୁ କମନ ୟୁନିଭରସିଟି ଏଣ୍ଟ୍ରାନ୍ସ ଟେଷ୍ଟ ଅଣ୍ଡର ଗ୍ରାଜୁଏଟ-ସିୟୁଇଟି-ୟୁଜି ୨୦୨୬ ପରୀକ୍ଷା ନିମନ୍ତେ ସଂଶୋଧିତ ପରୀକ୍ଷା ତାରିଖ ଏବଂ ଆଡମିଟ କାର୍ଡ ପ୍ରଦାନ ଘୋଷଣା କରାଯାଇଛି । ଚଳିତମାସ ୩୧ ତାରିଖ ଏବଂ ଆସନ୍ତା ମାସ ୬ ଏବଂ ୭

ତାରିଖରେ ଏଥିନିମନ୍ତେ ପ୍ରବେଶିକା ପରୀକ୍ଷା ହେବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି । ଆଜି ହେବାକୁ ଥିବା ପରୀକ୍ଷା ଇଦ୍-ଉଲ୍-ଆଝା ପାଇଁ ପୁନଃ ନିର୍ଦ୍ଧାରିତ କରାଯାଇଛି । ଆସନ୍ତା ରବିବାର ହେବାକୁଥିବା ପରୀକ୍ଷା ଲାଗି ପ୍ରାର୍ଥୀମାନଙ୍କୁ ଆଡମିଟ କାର୍ଡ ପ୍ରଦାନ ଆରମ୍ଭ ହୋଇଛି । ସେମାନେ ଅଫିସିଆଲ ୱେବ୍‌ସାଇଟ୍ ଏନ୍‌ଟିଏ - cuet.nta.nic.in ରେ ଡାଉନ୍‌ଲୋଡ କରି ଆଡମିଟ କାର୍ଡ ପାଇପାରିବେ । ଆସନ୍ତା ମାସ ୬ ଏବଂ ୭ ତାରିଖରେ ହେବାକୁ ଥିବା ପରୀକ୍ଷା ଲାଗି ଖୁବ୍‌ଶୀଘ୍ର ଆଡମିଟ କାର୍ଡ ପ୍ରଦାନ ହେବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି ।

---

# ଚୌହ୍ୱାନ ଖରିଫ କନ୍‌ଫରେନ୍ସ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଦେଶରେ ଚଳିତବର୍ଷ ଖାଦ୍ୟଶସ୍ୟ ଉତ୍ପାଦନ ୩୭୬ ନିୟୁତ ଟନ୍‌ରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଯାହାକି ଗତବର୍ଷ ତୁଳନାରେ ୫ ଦଶମିକ ୩ ପ୍ରତିଶତ ଅଧିକ । ନୂଆଦିଲ୍ଲୀଠାରେ ଆଜି ଖରିଫ ଅଭିଯାନ ୨୦୨୬ ପାଇଁ ଆୟୋଜିତ କୃଷି ସଂକାନ୍ତ ଜାତୀୟ ସମ୍ମିଳନୀର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ ସେ କହିଛନ୍ତି, କୃଷକମାନଙ୍କ କଠିନ ପରିଶ୍ରମ ଯୋଗୁଁ ଦେଶରେ ପର୍ଯ୍ୟାପ୍ତ ଖାଦ୍ୟଶସ୍ୟ ମହଜୁଦ ରହିଛି । ଶ୍ରୀ ଚୌହ୍ୱାନ କହିଛନ୍ତି ସରକାର କୃଷି ଏବଂ କୃଷକ କଲ୍ୟାନ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେଇଛନ୍ତି । ଚୀନ୍‌କୁ ଅତିକ୍ରମ କରି ଭାରତ ବିଶ୍ୱରେ ସର୍ବାଧିକ ଚାଉଳ ଉତ୍ପାଦନକାରୀ ରାଷ୍ଟ୍ର ହୋଇପାରିଛି ବୋଲି ମନ୍ତ୍ରୀ କହିଛନ୍ତି । କୃଷି ସଂକ୍ରାନ୍ତ ଏହି ଦୁଇଦିବସ କାର୍ଯ୍ୟକ୍ରମ ଖରିଫ କୃଷି କ୍ଷେତ୍ର ନିମନ୍ତେ ରୋଡମ୍ୟାପ୍ ପ୍ରସ୍ତୁତି ଦିଗରେ ସହାୟକ ହେବ ବୋଲି ଶ୍ରୀ ଚୌହ୍ୱାନ କହିଛନ୍ତି । ସେହିପରି

ଏହି କାର୍ଯ୍ୟକ୍ରମ ଜୈବ କୃଷି ଏବଂ ସମନ୍ୱିତ କୃଷି ସଂକ୍ରାନ୍ତରେ ଆଲୋଚନା ପାଇଁ ମଞ୍ଚ ପ୍ରଦାନ କରିବ ବୋଲି ମନ୍ତ୍ରୀ କହିଛନ୍ତି ।

## କର୍ଣ୍ଣାଟକ ସିଏମ୍

କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ଆଜି ଅପରାହ୍ଣରେ ରାଜ୍ୟପାଳଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିବେ । କର୍ଣ୍ଣାଟକ ସଂସଦୀୟ ବ୍ୟାପାର ମନ୍ତ୍ରୀ ଏଚ୍.କେ.ପାଟିଲ' ସିଦ୍ଧରମେୟାଙ୍କ ଦ୍ୱାରା ଆୟୋଜିତ ପ୍ରାତଃଭୋଜନ ବୈଠକରେ ଯୋଗଦେବା ପରେ ଏହି ସୂଚନା ଦେଇଛନ୍ତି । କଂଗ୍ରେସ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପରେ ଶ୍ରୀ ସିଦ୍ଧରମେୟା ଲୋକଭବନରେ ଆଜି ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିବେ । ଉପ ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ମୁଖ୍ୟମନ୍ତ୍ରୀ ପଦ ଦାୟିତ୍ୱରେ ରହିବେ ବୋଲି ଶ୍ରୀ ପାଟିଲ ସୂଚନା ଦେଇଛନ୍ତି ।

## ଇଦ୍-ଉଲ୍-ଆଝା

ଦେଶ ବ୍ୟାପି ଆଜି ଇଦ୍-ଉଲ୍-ଆଝା ପର୍ବ ପାଳନ କରାଯାଉଛି । ବିଭିନ୍ନ ମସଜିଦ୍‌ରେ ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ନମାଜ ପାଠ ଲାଗି ଏକତ୍ରିତ ହୋଇଛନ୍ତି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇଦ୍-ଉଲ୍-ଆଝା ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଇଦ୍-ଉଲ୍-ଆଝା ଅବସରରେ ମୁସଲମାନ ସମ୍ପ୍ରଦାୟର ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏହି

ପର୍ବ ସମସ୍ତଙ୍କୁ ସୁଖ, ଶାନ୍ତି ଏବଂ ସମୃଦ୍ଧି ପ୍ରଦାନ କରିବ ବୋଲି କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଏହି ଅବସରରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଇଦ୍-ଉଲ୍-ଆଝା ପର୍ବ ସମାଜରେ ଭାତୃଭାବ ଏବଂ ଶାନ୍ତି ପ୍ରତିଷ୍ଠା ଦୃଢ଼ କରିବା ଦିଗରେ ସହାୟକ ହେବ ବୋଲା ଆଶାବ୍ୟକ୍ତ କରିଛନ୍ତି । ସେ ସମସ୍ତଙ୍କର ସାଫଲ୍ୟ ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି ।

## ପିଏମ୍-ସବରକର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୀର୍ ସବରକରଙ୍କ ଜନ୍ମବାର୍ଷିକୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି ବୀର ସବରକରଙ୍କ ସାହସ ଏବଂ ଦେଶାତ୍ମବୋଧ ଚିନ୍ତାଧାରା ଦେଶବାସୀଙ୍କୁ  ସର୍ବଦା ପ୍ରେରଣା ଯୋଗାଇବ । ବୀର ଶବରକରଙ୍କ ବୁଦ୍ଧି ଏବଂ ସାମାଜିକ ସଂସ୍କାର ଦିଗରେ ତାଙ୍କର ପଦକ୍ଷେପ ଉଲ୍ଲେଖନୀୟ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ବିହାର ଡେଥ୍

ବିହାରର ଉତ୍ତର ଏବଂ ପୂର୍ବାଞ୍ଚଳରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ଏବଂ କୁଆପଥର ମାଡ଼ ଯୋଗୁଁ ୮ଜଣଙ୍କର ମୃତ୍ୟୁ ଘଟିଛି । ଖଗାରିଆ ଏବଂ ମୁଜାଫର ଜିଲ୍ଲାରେ ୨ଜଣ ଲେଖାଏଁ, ମୁଙ୍ଗେର, ଭାଗଲପୁର, ପୂର୍ବ ଚମ୍ପାରନ ଏବଂ ପଶ୍ଚିମ ଚମ୍ପାରନ ଜିଲ୍ଲାରେ ଜଣେ ଲେଖାଏଁ ପ୍ରାଣ ହରାଇଥିବା ସୂଚନା ମିଳିଛି । ମୁଖମନ୍ତ୍ରୀ ସମ୍ରାଟ ଚୌଧୁରୀ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ବିପର୍ଯ୍ୟୟରେ ପ୍ରାଣ ହରାଇଥିବା ନିକଟ

ସମ୍ପର୍କୀୟଙ୍କୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ତୁରନ୍ତ ପ୍ରଦାନ କରିବା ଲାଗି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ଆଇଏମ୍‌ଡି ଓ୍ୱେଦର

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା ୨୪ଘଣ୍ଟା ମଧ୍ୟରେ ମଧ୍ୟପ୍ରଦେଶ ପୂର୍ବାଞ୍ଚଳ ଏବଂ ବିଦର୍ଭରେ ପ୍ରବଳ ଗ୍ରୀଷ୍ମପ୍ରବାହ ନେଇ ସତର୍କ ସୂଚନା ଜାରି କରାଯାଇଛି । ସେହିପରି ଦିଲ୍ଲୀ, ଚଣ୍ଡୀଗଡ, ରାଜସ୍ଥାନ, ଛତିଶଗଡ, ହରିୟାଣା, ହିମାଚଳପ୍ରଦେଶ, କୋଙ୍କଣ, ଗୋଆ, ଓଡ଼ିଶା, ପଞ୍ଜାବ, ତେଲେଙ୍ଗାନା ଏବଂ ଉତ୍ତରପ୍ରଦେଶରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବା ନେଇ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨ ଦିନ ପାଇଁ ଆନ୍ଧ୍ରପ୍ରଦେଶ, ଓଡ଼ିଶା, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲରେ ଜଳବାୟୁରେ ପ୍ରବଳ ଆର୍ଦ୍ରତା ରହିବ ବୋଲି ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ଉତ୍ତର-ପୂର୍ବ ଭାରତର କେତେକ ଅଞ୍ଚଳ ବିହାର, ତାମିଲନାଡୁ ଏବଂ ପୁଡୁଚେରୀରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।